ISSN -2583-147X (P), Vol.- 9, Issue No. V, August 2023
Bastabatara Pariprakash Prachee
*Peer Reviewed and Referred Research Journal*

# ସ୍ୱିଫ୍ଟଲେଟ ପକ୍ଷୀ ଲାଳର ବସାରୁ ବ୍ୟଞ୍ଜନ ବ୍ୟବସାୟ

**ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ**

ସ୍ୱାଦିଷ୍ଟ ଖାଦ୍ୟ ଦେଖିଲେ କ୍ଷୁଧାର୍ଥ ପାଟିରୁ ଲାଳ ଗଡେ, ହେଲେ ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ପକ୍ଷୀଲାଳରୁ ପ୍ରସ୍ତୁତ ବ୍ୟଞ୍ଜନ ପାଇଁ ଲାଳ ଗଡାଇ ଥାଆନ୍ତି ଅନେକେ । କ୍ଷୁଧା ନିବାରଣ ବ୍ୟତିରେକ ଖାଦ୍ୟ ବିଳାସୀ ମଣିଷ ଯୁଗେ ଯୁଗେ ଜିହ୍ୱା ଲାଳସା ପରିତୃପ୍ତ କରିବା ପାଇଁ ନିଆରା ସ୍ୱାଦ ଅନ୍ୱେଷଣରେ ବହୁ ସ୍ୱାଦିଷ୍ଟ ଦ୍ରବ୍ୟ ନିଜ ଭୋଜନ ଅନ୍ତର୍ଭୁକ୍ତ କରିଆସିଛି । ପୃଥିବୀର ବିଭିନ୍ନ ସ୍ଥାନରେ ରହୁଥିବା ଲୋକଙ୍କ ଖାଦ୍ୟ ରୁଚି ଓ ପସନ୍ଦ ମଧ୍ୟ ଭିନ୍ନ, ଅନନ୍ୟ ବେଳେବେଳେ ଅଦ୍ଭୁତ ମଧ୍ୟ ହୋଇଥାଏ । ତେବେ ଏହି ଖାଦ୍ୟ ଦ୍ରବ୍ୟର ଚାହିଦାକୁ ଦେଖି ସ୍ଥାନୀୟ ଓ ଆନ୍ତର୍ଜାତିକ ବ୍ୟବସାୟ ଖୁବ୍ ସଙ୍ଗଠିତ ଭାବେ ଚାଲିଅଛି । ଥାଇଲାଣ୍ଡରେ ସେମିତି ଏକ ଅଦ୍ଭୁତ ଖାଦ୍ୟ ପ୍ରସ୍ତୁତ କରାଯାଏ ସ୍ୱିଫ୍ଟଲେଟ ନାମକ କ୍ଷୁଦ୍ର ପକ୍ଷୀଲାଳରୁ ତିଆରି ବସାରୁ । ଏଥିରୁ ପ୍ରସ୍ତୁତ ବ୍ୟଞ୍ଜନ ଝୋଳର ଚାହିଦା ଆନ୍ତର୍ଜାତିକ ସ୍ତରରେ, ବିଶେଷକରି ଚାଇନାରେ ଏତେ ଯେ ଏହି ବ୍ୟବସାୟ କରିବା ପାଇଁ ଥାଇଲାଣ୍ଡରେ ଖୁବ ପ୍ରତିଯୋଗିତା ହୋଇଥାଏ । ଏହି ବିରଳ ଚଢେଇର ଖାଦ୍ୟ ଯୋଗ୍ୟ ଏକ କିଲୋଗ୍ରାମ ବସାର ଦାମ ଭାରତୀୟ ମୁଦ୍ରା ଅନୁସାରେ ପ୍ରାୟ ଏକଲକ୍ଷ ଟଙ୍କା ହୋଇଥାଏ । ବିଶ୍ୱାସ କରାଯାଏ ଯେ ପକ୍ଷୀବସା ସୁପ୍ ଶିଶୁମାନଙ୍କ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଏଥିରେ ପ୍ରୋଟିନ, ଆମିନୋଏସିଡ୍ ଥିବାରୁ ଏହା ଯୌନ ଶକ୍ତିବୃଦ୍ଧି, ତ୍ୱକ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଓ ଅଣ୍ଡା ପରି ବହୁ ରୋଗ ଉପସମ ପାଇଁ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ଏହାର ରଙ୍ଗ, ଆକାର ମୁତାବକ ତାର ମୂଲ୍ୟ ନିର୍ଣ୍ଣୟ କରାଯାଇଥାଏ । ଚୀନ ଦେଶରେ ୫୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଚଢେଇ ଲାଳରୁ ତିଆରି ତାର ବସାରସୁପ୍‌କୁ ବ୍ୟବହାର କରାଯାଉଛି । ସିଙ୍ଗାପୁର, ମାଲେସିଆ, ଚୀନ, ତାଇୱାନ, ଥାଇଲାଣ୍ଡ, କାମ୍ବୋଡିଆ, ଭିଏତନାମ ଓ ମିଆଁମାର ଆଦି ଦେଶରେ ସ୍ୱିଫ୍ଟଲେଟ ଚଢେଇ ଲାଳରୁ ତିଆରି ତାର ବସାର ସୁପ୍‌କୁ ଅତ୍ୟନ୍ତ ସ୍ୱାଦିଷ୍ଟ ବ୍ୟଞ୍ଜନ ଭାବେ ବିବେଚନା କରାଯାଏ । ପକ୍ଷୀବସାକୁ ପରିଷ୍କାର କରି ସୁଗନ୍ଧିତ ସୈନ୍ଧବ ଚିନି ପକାଇ ପାଣିରେ ସିଝାଇଏହାର ଝୋଳ ପ୍ରସ୍ତୁତ କରାଯାଏ ।

ଦକ୍ଷିଣ ଏସିଆ, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ, ଉତ୍ତର ଅଷ୍ଟ୍ରେଲିଆରେ ଦେଖା ଯାଉଥିବା ଏହି ସ୍ୱିଫ୍ଟଲେଟ ନାମକ କ୍ଷୁଦ୍ର ପକ୍ଷୀ କେବଳ ପ୍ରାକୃତିକ ପରିବେଶରେ ୧୫ରୁ ୧୮ ବର୍ଷ ପର୍ଯ୍ୟନ୍ତ ବଞ୍ଚି ଥାଆନ୍ତି । ବର୍ଷକୁ ମାତ୍ର ଦୁଇଥର ପ୍ରଜନନ ଋତୁରେ (ଫେବୃଆରୀ-ଏପ୍ରିଲ ଓ ଜୁଲାଇ-ଅଗଷ୍ଟ) ସେମାନେ ଏକାନ୍ତ ସ୍ଥାନରେ ଥିବା ଉଚ୍ଚ ବୃକ୍ଷ ବା ପାହାଡିଆ ଗୁମ୍ଫାରେ ନିଜ ଅଠାଳିଆ ଲାଳରେ ଛୋଟ କପ୍ ଆକାରର ଅର୍ଦ୍ଧ ସ୍ୱଚ୍ଛ ଧଳାଳିଆ ବସା ତିଆରି କରି ଏକରୁ ଦୁଇଟି ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି । ଏମାନେ ଦଳଗତ ଭାବେ ବାସ କରି ଥାଆନ୍ତି । କ୍ଷୀପ୍ରଗତିରେ ଉଡ଼ି କୀଟପତଙ୍ଗଙ୍କୁ ଆହାର କରି ବଞ୍ଚୁଥିବା ଏହି ପକ୍ଷୀମାନଙ୍କ ଲମ୍ୱ ୫ ରୁ ୬ ଇଞ୍ଚ ହୋଇଥିବା ବେଳେ ଓଜନ ମାତ୍ର ୧୫ ରୁ ୧୮ ଗ୍ରାମ ହୋଇଥାଏ । ଏହାର ଉପରାର୍ଦ୍ଧ କଳା ବାଦାମୀ ରଙ୍ଗର ହୋଇଥିବା ବେଳେ କ୍ଷୁଦ୍ର ଥଣ୍ଟ ଓ ଗୋଡ କଳା ରଙ୍ଗର ହୋଇଥାଏ । ପ୍ରତିଧ୍ୱନୀ ସ୍ଥାନ ନିର୍ଦ୍ଧାରଣ କରି ଉଡ଼ିବା ସମୟରେ ଏହା କ୍ରସଚିହ୍ନ ପରି ଦିଶିଥାଏ । ମାତ୍ର ଛଅଟି ପ୍ରଜାତିର ସ୍ୱିଫ୍ଟଲେଟର ବସାକୁ ବ୍ୟଞ୍ଜନ ଭାବେ ଉପଯୋଗ କରାଯାଇପାରେ । ଭାରତର ଆଣ୍ଡାମାନ ଉପଦ୍ୱୀପରେ ମଧ୍ୟ ଏମାନେ ରହିଥିବାର ଦେଖାଯାଏ ।

ସାରା ପୃଥିବୀରେ ଇଣ୍ଡୋନେସିଆ ଏହି ସ୍ୱିଫ୍ଟଲେଟ ପକ୍ଷୀର ସ୍ୱାଦିଷ୍ଟ ନୀଡ଼ର ସର୍ବବୃହତ ଉତ୍ପାଦକ ହୋଇଥିବା ବେଳେ ଥାଇଲାଣ୍ଡ

ଏହି ସ୍ୱାଦିଷ୍ଟ ବସାର ଶ୍ରେଷ୍ଠ ଉତ୍ପାଦକ ଭାବେ ପ୍ରସିଦ୍ଧି ଲାଭ କରିଛି । ସେଠାରେ ଅନେକ ସ୍ୱିଫ୍ଟଲେଟ ପକ୍ଷୀର ସ୍ୱାଦିଷ୍ଟ ନୀଡ଼ ତଦାରଖକାରୀ ସମିତିଙ୍କୁ ନେଇ ପ୍ରଦେଶର ଅଧକ୍ଷଙ୍କ ଦ୍ୱାରା ପରିଚାଳିତ ସଙ୍ଗଠନ ପକ୍ଷୀବସା ଉତ୍ପାଦକ କମ୍ପାନୀମାନଙ୍କୁ ନିୟନ୍ତ୍ରଣ କରୁଛି । ଏହି ସ୍ୱିଫ୍ଟଲେଟ ପକ୍ଷୀର ସ୍ୱାଦିଷ୍ଟ ନୀଡ଼କୁ ଗୁରୁତ୍ୱ ଦେଇ – ଧଳାସୁନା ବା ପୂର୍ବାଞ୍ଚଳର ଦାମୀମାଛ ଅଣ୍ଡା ବୋଲି ସମ୍ମାନ ସୂଚକ ଭାବେ କୁହାଯାଇଥାଏ । ଥାଇଲାଣ୍ଡର ପାକ-ଫାୟୁନ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଫଠାଲୁଙ୍ଗ ପ୍ରଦେଶରେ ଥିବା ପ୍ରାୟ ୨୨୪ ହେକ୍ଟର ବ୍ୟାପୀ ଅଞ୍ଚଳ ପରିମିତ ୭ଟି ଦ୍ୱୀପ ଏହି ବ୍ୟବସାୟ ପାଇଁ ଖୁବ୍ ଜଣାଶୁଣା । ଏଠାର ସଂଖ୍ଲାହ୍ରଦ ନିକଟରେ ସ୍ୱିଫ୍ଟଲେଟ ପକ୍ଷୀର ଖାଦ୍ୟ ଓ ବାସସ୍ଥାନ ପାଇଁ ବେଶ ଅନୁକୁଳ ହୋଇଥିବାରୁ ଏଠାରେ ଧଳା ପରିଷ୍କାର ବସା ମିଳିଥାଏ ।

ତେଣୁ ଏଠାରେ ସରକାରୀ ନିୟନ୍ତ୍ରଣରେ ୯ ଟି ପ୍ରଦେଶରେ ଏହି ବ୍ୟବସାୟ କରୁଥିବା କମ୍ପାନୀମାନଙ୍କୁ ଅନୁମତି ମିଳିଥାଏ । ପର୍ଯ୍ୟଟକମାନଙ୍କୁ ଏଠାରେ ପ୍ରବେଶ କରିବା ପୂର୍ବରୁ ଅନୁମତି ନେବାକୁ ହୋଇଥାଏ । ପକ୍ଷୀଙ୍କ ପ୍ରଜନନ ସମୟରେ ଜନ କୋଳାହଳକୁ ପ୍ରତିହତ କରିବା ପାଇଁ କୌଣସି ପର୍ଯ୍ୟଟକମାନଙ୍କୁ ଏଠାରେ ପ୍ରବେଶ କରିବା ପାଇଁ ଅନୁମତି ମିଳେ ନାହିଁ । ପକ୍ଷୀଙ୍କୁ ପ୍ରଜନନ ଓ ନୀଡ଼ ରଚନା ପାଇଁ ଆକୃଷ୍ଟ କରିବା ଲାଗି ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ସେହି ଉପଦ୍ୱୀପର ୪୩ଟି ସ୍ଥାନରେ ପକ୍ଷୀଙ୍କୁ ସୁହାଇଲା ପରି ପ୍ରାୟ ୧୦୦୦୦ କୃତ୍ରିମ ଗୁମ୍ଫା ନିର୍ମାଣ କରିବା ସହ ସେମାନଙ୍କ କିଚିରି ମିଚିରି ଧ୍ୱନୀକୁ ରେକର୍ଡ଼ କରିଲା ଉଡ଼ସ୍ପିକର ମାଧମରେ ବଜାଇ ଥାଆନ୍ତି । କାରଣ ଏହି ବ୍ୟବସାୟରୁ ସେ ଦେଶ ପ୍ରଚୁର ବିଦେଶୀ ମୁଦ୍ରା ଉପାର୍ଜନ କରିଥାଏ । ବେଳେବେଳେ ସହରାଞ୍ଚଳର ଲୋକବସତିଗୁଡ଼ିକ ଏଥିଲାଗି ଭୋଗୁଥିବା ଅସୁବିଧା ହେତୁ ଏହାକୁ ବିରୋଧ କରିଥାଆନ୍ତି । ନିୟମତଃ ଚୀନକୁ ମାତ୍ର ୧୦ ପ୍ରତିଶତ ରପ୍ତାନି ହେଉଥିବା ବେଳେ ବଳକା ୯୦ ପ୍ରତିଶତ ଚୋରାରେ ଯାଇଥାଏ । ୨୦୧୧ ମସିହାରେ ଚୀନ ଚୋରା ଆମଦାନୀକୁ ଅବୈଧ ବିବେଚନା କରିବା ସହ ନକଲି ବସା କାରବାର ନିଷିଦ୍ଧ କରିଥିଲା ।

ହୁହୁ ହୋଇ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଥାଇଲାଣ୍ଡ ସରକାର ଏ କ୍ଷେତ୍ରରେ ଚୋରା ବ୍ୟବସାୟକୁ ରୋକିବା ଲାଗି ଏହି ପକ୍ଷୀବସା କାରବାରକୁ ପଞ୍ଜିକରଣ କରିବା ସହ ଏହା ଉପରେ ଟିକସ ଆଦାୟ କରିଥାଏ । ଦକ୍ଷିଣ ପୂର୍ବ ଏସିଆରେ ବାର୍ଷିକ ପ୍ରାୟ ୨୮୦୦ ଟନ୍‌ର ବସା ଉତ୍ପାଦନ ବ୍ୟବସାୟ ହୋଇଥାଏ । ସ୍ୱିଫଲେଟ ପକ୍ଷୀଙ୍କୁ ବନ୍ୟଜନ୍ତୁ ସଂରକ୍ଷଣ ତାଲିକାରୁ ହଟାଇବା ଲାଗି ସେଠାର ଲୋକମାନେ ଦାବୀ କରୁଛନ୍ତି । ପୂର୍ବେ ୭୫ ଭାଗ ପକ୍ଷୀବସା ପ୍ରାକୃତିକ ଗୁମ୍ଫାରୁ ସଂଗ୍ରହ କରାଯାଉଥିବା ବେଳେ ବଳକା ଘରୋଇ ଉତ୍ପାଦନ ହେଉଥିଲା, କିନ୍ତୁ କ୍ରମଶଃ ଏହି ସ୍ଥିତି ବଦଳି ଗଲାଣି । କାରଣ ପ୍ରାକୃତିକ ଗୁମ୍ଫାରୁ ବସା ସଂଗ୍ରହ କରିବା ଅପେକ୍ଷା ପକ୍ଷୀଘରୁ ନୀଡ଼ ସଂଗ୍ରହ କରିବା ସହଜସାପେକ୍ଷ । ଜଗତିକରଣ ହେତୁ ଆନ୍ତର୍ଜାତିକ ବଜାରର କ୍ଷିପ୍ର ପ୍ରବେଶ ଭାରତରେ ବଦଳୁ ଥିବା ଲୋକଙ୍କ ଖାଦ୍ୟ ରୁଚି ପ୍ରଭାବିତ କରି ସ୍ୱିଫ୍ଟଲେଟ ପକ୍ଷୀଙ୍କ ବସାର ସ୍ୱାଦ ଚଖାଇ କେବେ ଜନପ୍ରିୟ କରିବ ତାହା କେବଳ ସମୟ କହିପାରିବ । ଉଦ୍ୟୋଗୀଙ୍କ ପାଇଁ ଜୀବିକା ଉପାର୍ଜନର ନୂଆ ମାଧମ ହୋଇଥିବାରୁ ଓଡିଶା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଏ ସମ୍ଭାବନାରୁ ଅଛୁଆଁ ନୁହଁ ।

ଓଡିଶା ପ୍ରଶାସନିକ ସେବା ଅଧିକାରୀ
ଦୂରଭାଷ : ୯୪୩୭୨୭୦୦୪୫